## ସଂକ୍ଷେପରେ

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମୁନିଗୁଡ଼ା,୨୫।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ନୋଡାଲ ହାଇସ୍କୁଲ ପରିସରରେ ୨ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରମୋଦ କୁମାର ପରିଡା, ବିନୋଦ କୁମାର ନାୟକ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନନ୍ଦକିଶୋର ପଟ୍ଟନାୟକ, ମୋ ସ୍କୁଲ ଅଭିଯାନ ସଭାପତି ପ୍ରଣବ କୁମାର ନିଶଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍କୁଲର ବରିଷ୍ଠ ଗଣିତ ଓ ବିଜ୍ଞାନ ଶିକ୍ଷକ ସମୀର ରଞ୍ଜନ ସାହୁ ଓ ଶିକ୍ଷୟିତ୍ରୀ ସୁକାନ୍ତି ସେଠୀଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ବିଜ୍ଞାନ ଶିକ୍ଷକ ସମୀର ରଞ୍ଜନ ସାହୁ ପଦୋନ୍ନତି ପାଇ ସ୍ଥାନୀୟ ତେଲେଙ୍ଗାପଦରସ୍ଥିତ ନୋଡାଲ ହାଇସ୍କୁଲରେ ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶିକ୍ଷୟିତ୍ରୀ ସେଠୀ ସ୍ଥାନୀୟ ଗଙ୍ଗରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷୟିତ୍ରୀଭାବେ ପଦୋନ୍ନତି ପାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଏହି ଦୁଇ ଜଣଙ୍କୁ ସମସ୍ତ ସାଥି ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନନ୍ଦ ମାଣ୍ଡାଙ୍ଗୀଙ୍କ ଶହୀଦ ଦିବସ

ରାମନାଗୁଡ଼ା, ୨୫।୧୦(ଡି.ଏନ୍.ଏ.) ଶହୀଦ ଆନନ୍ଦ ମାଣ୍ଡାଙ୍ଗୀଙ୍କ ଶହୀଦ ଦିବସ ରାୟଗଡ଼ା ଜିଲା ରାମନାଗୁଡା ବ୍ଲକର ଗୁଲୁଣ୍ଠି ପଞ୍ଚାୟତ ଅଧୀନ ଢେପାଗୁଡ଼ାସ୍ଥିତ ତାଙ୍କ ନିଜ ଗ୍ରାମର ସରକାରୀ ହାଇସ୍କୁଲରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ମାଝିଗୌରୀ କଣ୍ଡାଗରୀ, ଗୁଣପୁର ଏସ୍‌ଡିପିଓ ବିକାଶ ବେହୁରା, ଥାନାଧିକାରୀ ନୀଳାମ୍ବର ଜାନି, ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ଶକ୍ତି କୁମାର ବେହେରା, ବର୍ତ୍ତମାନର ପ୍ରଧାନ ଶିକ୍ଷକ କୋଟେଶ୍ୱର ପାତ୍ର ଓ ୱାର୍ଡମେମ୍ବର ଉପସ୍ଥିତ



ଥିଲେ। ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥିମାନେ ଶହୀଦଙ୍କ ବଳିଦାନ ସମ୍ପର୍କରେ କହିଥିଲେ। ଏହାପରେ ଶହୀଦଙ୍କ ମାଣ୍ଡାଙ୍ଗୀ ମା' ବାପାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ରାମନାଗୁଡା ଥାନାଧିକାରୀ ଛବୀନ୍ଦ୍ର ସେଠୀ ସମ୍ପାଦନ କରିଥିଲେ।

### ଦୀପରୁ ନିଆଁ ଲାଗି ଜଳିଗଲା ଜୋତା ଦୋକାନ

ନବରଙ୍ଗପୁର,୨୫।୧୦(ବି.ପ୍ର.)- ଦିପାବଳୀ ଲଗାଯାଇଥିବା ଦୀପରୁ ନିଆଁ ଲାଗି ଜଳିଗଲା ଦୋକାନ। ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଦୋକାନୀ କହିଛନ୍ତି। ନବରଙ୍ଗପୁର ସହରସ୍ଥିତ ରାମ ମନ୍ଦିର ନିକଟସ୍ଥ ମାମା ଫୁଟ୍‌ୱେୟାର ନାମକ ଏକ ଜୋତା ଦୋକାନରେ ଏହି ନିଆଁ ଲାଗିଛି। ସୂଚନାନୁଯାୟୀ, ଦୀପାବଳି ଯୋଗୁ ଦୋକାନରେ ଦୀପ ଜାଳି ପୂଜା ସାରି ଘରକୁ ଫେରି ଯାଇଥିଲେ ଦୋକାନ ମାଲିକ। କିଛି ସମୟ ପରେ ଦୋକାନରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ମାଲିକ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଘରୋଇ ଡାକ୍ତରଖାନାରେ ୨ ଘଣ୍ଟା ଉତ୍ତେଜନା

ବିଷମକଟକ,୨୫।୧୦(ଡି.ଏନ୍.ଏ.)

- ଚିକିତ୍ସା ଅଭାବରୁ ଶିଶୁ କନ୍ୟାଙ୍କ ମୃତ୍ୟୁ ଅଭିଯୋଗ ଆଣିଲେ ପରିବାର
- ବେଡ୍ ନ ଥିବା କହି ୨ ଘଣ୍ଟା ରୋଗୀଙ୍କୁ ଦେଖିଲେନି ଡାକ୍ତରଖାନା କର୍ତ୍ତୃପକ୍ଷ

ରାୟଗଡ଼ାର ଏକ ଘରୋଇ ହସ୍ପିଟାଲରେ ଜଣେ ଦେଢ଼ବର୍ଷର ଶିଶୁକନ୍ୟାର ମୃତ୍ୟୁକୁ ନେଇ ଉତ୍ତେଜନା ହୋଇଛି। ଚିକିତ୍ସା ଅଭାବରୁ ଶିଶୁଟିର ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଝିଗିଡି ସଦର ପଞ୍ଚାୟତର କୈଳାସ ଉଲ୍ଲାକା ଜ୍ୱରରେ ପୀଡ଼ିତ ନିଜ ଦେଢ଼ ବର୍ଷର ଶିଶୁ କନ୍ୟା ମେସ୍ମିଙ୍କୁ ମଙ୍ଗଳବାର ଭୋରରୁ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ମେଡିକାଲକୁ ନେଇଥିଲେ। ସେମାନେ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଖାନାର ଜରୁରିକାଳୀନ ୱାର୍ଡରେ ଜଣାଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ କିନ୍ତୁ ସେଠାରେ ବେଡ୍ ଖାଲି ନ ଥିବା କହିବା ସହ ବାହାରେ ଅପେକ୍ଷା କରିବାକୁ ଜଣାଇଥିଲେ। ସେଠାରେ ଦାୟିତ୍ୱରେ ଥିବା ନର୍ସ ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ତାଙ୍କୁ ଜ୍ୱର ହୋଇଥିବା କହି କୌଣସି ଡାକ୍ତରଙ୍କୁ ନ ଜଣାଇ ଦୀର୍ଘ ୨ଘଣ୍ଟା କାଳ ଚିକିତ୍ସା ନ କରି ଅପେକ୍ଷା କରାଇଥିଲେ। ୨ ଘଣ୍ଟା ପରେ ଡାକ୍ତର ପହଞ୍ଚି ଶିଶୁକନ୍ୟାଙ୍କୁ ଦେଖିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ମୃତକଙ୍କ ପରିବାର ପକ୍ଷରୁ କୁହାଯାଇଛି। ଚିକିତ୍ସା ଅବହେଳା ଯୋଗୁ ଝିଅର ମୃତ୍ୟୁ ହୋଇଛି ବୋଲି କହିବା ସହ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏହାପରେ ଦୁଇଘଣ୍ଟା କାଳ ଘରୋଇ ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପଟେ ଶିଶୁ କନ୍ୟା ସିକିଲସେଲ ରୋଗରେ ପୀଡିତ ଥିବାରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ଶିଶୁ କନ୍ୟା ସିକିଲସେଲ ରୋଗରେ ପୀଡିତ ଥିବା ଜାଣି ମଧ୍ୟ ତାଙ୍କୁ ଜରୁରିକାଳୀନ ସେବା କେମିତି ଯୋଗାଇଲେ ନାହିଁ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଏଭଳି ରୋଗୀଙ୍କୁ ରକ୍ତ ଆବଶ୍ୟକ ଥାଏ। ତାହାର ବ୍ୟବସ୍ଥା ନ କରାଇବା ଦୁଃଖର ବିଷୟ ବୋଲି କହିବା ସହ ଯଦି ବେଡ୍ ଖାଲି ନ ଥିଲା ତେବେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିପାରିଥାନ୍ତେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଚିକିତ୍ସା ଅବହେଳା ପାଇଁ ଝିଅର ଜୀବନ ଚାଲିଗଲା। ଆଗାମୀ ଦିନରେ ଘରୋଇ ମେଡିକାଲର ଅବହେଳା ପାଇଁ ଆଉ କୌଣସି ନୀରହ ଜୀବନ ବଳି ନ ପଡୁ, ତେଣୁ ଯେଉଁମାନେ ଚିକିତ୍ସାରେ ଅବହେଳା କରିଛନ୍ତି ତାହାକୁ ନେଇ ଜିଲା ପ୍ରଶାସନ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ମୃତକଙ୍କ ବାପା କୈଳାସ ଉଲ୍ଲାକା ଦାବି କରିଛନ୍ତି। ଉକ୍ତ ଘରୋଇ ଡାକ୍ତରଖାନା ଅଧକ୍ଷଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଜରୁରିକାଳୀନ ବିଭାଗରେ ତଦନ୍ତ କରିବେ ବୋଲି କହିଛନ୍ତି। ମେଡିକାଲରେ ରୋଗୀ ସଂଖ୍ୟା ବଢୁଥିବାରୁ ବେଡ୍ ଅଧିକାଂଶ ସମୟ ଖାଲି ରହୁନାହିଁ। ଆଗାମୀ ଦିନରେ ବେଡ୍ ଖାଲି ନ ଥିଲେ ଯେ କୌଣସି ଜରୁରିକାଳୀନ ରୋଗୀଙ୍କୁ ଗେଟ୍ ବାହାରରୁ ହିଁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି।

# ଚଣ୍ଡୀପାଠରେ କମ୍ପିଲା ପୂଜାମଣ୍ଡପ




ତେନ୍ତୁଳିଖୁଣ୍ଟି ଓ ଗୁଣପୁର ପୂଜାମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି।

ତେନ୍ତୁଳିଖୁଣ୍ଟି/ଗୁଣପୁର, ୨୫।୧୦(ଡି.ଏନ୍.ଏ.)

- ତେନ୍ତୁଳିଖୁଣ୍ଟିରେ ଶ୍ୟାମାକାଳୀ, ଗୁଣପୁରରେ ଦକ୍ଷିଣକାଳୀଙ୍କ ପୂଜା
- ଆଲୋକ ତୋରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାରେ ଧୁମ୍‌ଧାମରେ ମା' ଶ୍ୟାମାକାଳୀଙ୍କ ପୂଜା ପାଳନ କରାଯାଇଛି। ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ମାଁଙ୍କ କଳସ ଯାତ୍ରାରେ ଶତାଧିକ ଭକ୍ତ ଯୋଗଦେଇ ଇନ୍ଦ୍ରାବତୀ ନଦୀଘାଟରୁ ଜଳ ସଂଗ୍ରହ କରି ପୂଜା ମଣ୍ଡପକୁ ଆଣିଥିଲେ। ପ୍ରାୟ ୮ଟାବେଳେ ଖାତିଗୁଡା ଗ୍ରାମଦେବୀଙ୍କ ମନ୍ଦିରରୁ ଲାଠି ଆସିଥିଲା। ଅର୍ଦ୍ଧରାତ୍ରରୁ ଆରମ୍ଭ ହୋଇଥିଲା ମାଁଙ୍କ ପୂଜାର୍ଚ୍ଚନା। ମଦନମୋହନ ପୂଜା କାର୍ଯ୍ୟ ତୁଲାଇଥିଲେ। କର୍ତ୍ତାଭାବେ କେଦାରଗୌରୀ ପଣ୍ଡା ଓ ତାଙ୍କ ସ୍ତ୍ରୀ ରଶ୍ମିତା ଉପସ୍ଥିତ ଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର କରଶର୍ମା ମାଁଙ୍କ ପୂଜାବିଧି କରିଥିଲେ। ଚଣ୍ଡୀପାଠରେ ସ୍ଥାନୀୟ ଅଞ୍ଚଳ କମ୍ପିଥିଲା। ଏହି ପୂଜା ଚଳିତବର୍ଷ ୨୨ରେ ପହଞ୍ଚିଛି ବୋଲି ମଦନମୋହନ କହିଛନ୍ତି। ପରାଗ ଯୋଗୁ ମଙ୍ଗଳବାର ମାଁଙ୍କ ପୂଜା ବନ୍ଦ ଥିଲା। ବୁଧବାର ସକାଳେ ପୁଣି ପୂଜା ଆରମ୍ଭ ହେବ ବୋଲି ପୂଜକ କହିଛନ୍ତି। ଭକ୍ତଙ୍କ ମନୋରଞ୍ଜନ ପାଇଁ ମାଁଙ୍କ ପୀଠରେ ହୋଇଥିବା କୋରାପୁଟିଆ ନାଚ ଦେଖିବା ପାଇଁ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ଏଥିସହ ବିଭିନ୍ନ ଦୋକାନ ମଧ୍ୟ ବସିଥିଲା। ଶୁକ୍ରବାର ମାଁଙ୍କ ଭସାଣି ଅନୁଷ୍ଠିତ ହେବ ବୋଲି ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି ।

ସେହିଭଳି ରାୟଗଡା ଜିଲା ଗୁଣପୁର ଆଇଟିଡିଏ ଅଫିସ ନିକଟରେ ହେଉଥିବା ମାଁ ଦକ୍ଷିଣ କାଳୀଙ୍କ ପୂଜା ସୋମବାର ମଧ୍ୟରାତ୍ରରୁ ଆରମ୍ଭ ହୋଇଛି। ମାଁ ଦକ୍ଷିଣ କାଳୀଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ସମସ୍ତ ରୀତିନୀତି ଅନୁଯାୟୀ ମଣ୍ଡପରେ ପୂଜା ଆରମ୍ଭ ହୋଇଥିଲା। ୮ଦିନ ଧରି ପୂଜା କାର୍ଯ୍ୟ ଚାଲିବ। ୨ ତାରିଖରେ ମୃଣ୍ମୟୀ ପ୍ରତିମାଙ୍କ ବିସର୍ଜନ କରାଯିବ। ଚଳିତ ବର୍ଷ ମାଁଙ୍କ ପୂଜା ଉତ୍ସବ ୧୬ ବର୍ଷରେ ପଦାର୍ପଣ କରିଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କର୍ତ୍ତାଭାବେ ପ୍ରଭାତ ମହାପାତ୍ର ଏବଂ ପୂଜକ ଭାବେ ଜୀବନାନନ୍ଦ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ମା ଦକ୍ଷିଣ କାଳୀଙ୍କ ପୂଜା ଉତ୍ସବ ଆଡମ୍ବରଭାବେ ପାଳନ କରିବା ପାଇଁ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମୀନା ବଜାର ସାଙ୍ଗକୁ ସୁନ୍ଦର ଆଲୋକ ମାଳା ଏବଂ ତୋରଣରେ ମାଙ୍କ ପୂଜା ମଣ୍ଡପ ଶୋଭା ପାଉଛି।

### କାର-ବାଇକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ପାପଡାହାଣ୍ଡି /ଡାବୁଗାଁ, ୨୫।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଝାରମୁଣ୍ଡା ନିକଟ ଜଟାବାଲ ହାଇସ୍କୁଲ ନିକଟରେ ମଙ୍ଗଳବାର ଏକ କାର୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚେରଚେଟା ପଞ୍ଚାୟତ ଝଡିଆଗୁଡାର ଚନ୍ଦ୍ର ପରଜା । ଘଟଣାରେ ଗୁରୁତର ରାମ ପରଜା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଡାବୁଗାଁରୁ ପାପଡାହାଣ୍ଡି ଆଡ଼କୁ ଛତିଶଗଡରୁ ଏକ କାର (ସିଜି-୦୪ ଏଲ୍‌କ୍ୟୁ- ୭୨୮୨) ଆସୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ବାଇକ୍ (ଓଆର୍-୦୮ ଜି-୮୫୮୩) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍‌ରେ ଥିବା ଚନ୍ଦ୍ର ଓ ରାମ ଗାଡିରୁ ଛିଟିକି ପଡିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ସେଠାରେ ଡାକ୍ତର ଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ରାମଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଡାବୁଗାଁ ଥାନା ଏଏସ୍‌ଆଇ ଶିଶିରକାନ୍ତ ଘୋଷ ଓ ବିଜୟ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଥାନାକୁ ଆଣି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### କାର୍ ଇଞ୍ଜିନ୍‌ରୁ ମିଳିଲା ଗଞ୍ଜେଇ, ୩ ଗିରଫ

ଭଞ୍ଜନଗର,୨୫।୧୦(ଡି.ଏନ.ଏ)

କନ୍ଧମାଳ ଜିଲାରୁ ବିଭିନ୍ନ ଉପାୟରେ ଭାୟା ଭଞ୍ଜନଗର ଦେଇ ରାଜ୍ୟ ଓ ରାଜ୍ୟ ବାହାରକୁ ଚୋରାରେ ଗଞ୍ଜେଇ ଚାଲାଣ ହେଉଛି। ଭଞ୍ଜନଗର ଥାନା ଅଞ୍ଚଳରେ ଅନେକ ଥର ଅଭିଯୁକ୍ତମାନେ ଧରାପଡ଼ିଛନ୍ତି। ରବିବାର ବିଳମ୍ବିତ ରାତିରେ ଏକ କାର ଇଞ୍ଜିନ୍ ଉପରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଧରାପଡ଼ିଛି। ଏହି ଘଟଣାରେ ୩ ଜଣ ଧରାପଡ଼ିଛନ୍ତି। କନ୍ଧମାଳରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚାଲାଣ ହେଉଥିବା ବ୍ରହ୍ମପୁର ଅବକାରୀ ଟିମ୍ ସୂଚନାପାଇ ଅଭିଯୁକ୍ତମାନଙ୍କୁ ଭଞ୍ଜନଗର ଥାନା ଦୁର୍ଗାପ୍ରସାଦଠାରେ କାବୁ କରିଥିଲେ।

# ଶିକ୍ଷକ ସଂଘର ଆନ୍ଦୋଳନ ନିଷ୍ପତ୍ତି

ଗୁଣପୁର,୨୫।୧୦(ଡି.ଏନ୍.ଏ)

ରାୟଗଡ଼ା ଜିଲା ଗୁଣପୁର ଭେଙ୍କଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ସନ୍ଧ୍ୟାରେ ପ୍ରାଥମିକ ଶିକ୍ଷକ(ନୂତନ ପେନ୍‌ସନ ଯୋଜନା) ଅନ୍ତର୍ଭୁକ୍ତ ରାମନଗୁଡ଼ା ବ୍ଲକର ସମସ୍ତ ଶିକ୍ଷକଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାମନଗୁଡ଼ା ବ୍ଲକର ସମସ୍ତ ଶିକ୍ଷକ ଯୋଗଦେଇଥିଲେ। ଏବେ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରିଥିବା ସ୍ଥଳେ ପ୍ରାଥମିକ ଶିକ୍ଷକମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିବାଦ କରି ଆଗାମୀ ୨୯ ତାରିଖରେ ପ୍ରତ୍ୟେକ ବ୍ଲକସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ। ୩୧ ତାରିଖରୁ କଳାବ୍ୟାଜ୍ ପରିଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷକ ଅଶ୍ୱିନୀ କୁମାର ତ୍ରିପାଠୀଙ୍କ ଆହ୍ୱାନକ୍ରମେ ବ୍ଲକର ଶିକ୍ଷକମାନେ ଉପସ୍ଥିତ ଥିଲେ। ଗୁଣପୁର ବ୍ଲକରୁ ସୂର୍ଯ୍ୟ ପଣ୍ଡା, ମୁନିଗୁଡ଼ା ବ୍ଲକରୁ ଅକ୍ଷୟ ରଥ ଓ କୋଲୋନରା ବ୍ଲକରୁ ଗୋପାଳ ନାୟକ ପ୍ରମୁଖ ଶିକ୍ଷକ ନେତା ଉପସ୍ଥିତ ରହି ସରକାରଙ୍କ ବୈମାତୃକ ଭାବକୁ ନେଇ ଆଗାମୀ ରଣନୀତି କ'ଣ ହେବ ସେ ସମ୍ପର୍କରେ ମତ ରଖିଥିଲେ। ରାମନଗୁଡ଼ା ବ୍ଲକ ପକ୍ଷରୁ ମଣ୍ଡାଙ୍ଗୀ ତାଉତୁ, ଅଶ୍ୱିନୀ ତ୍ରିପାଠୀ, ନିରଞ୍ଜନ ସାହୁକାର, ରାମ ରଥ, କାହ୍ନୁ ଲିମା, ଲଳିତ ଚୌଧରୀ, ଜାମି ନାଗା ରାଜୁ, କୃଷ୍ଣ ପଟ୍ଟନାୟକ, ଭୈରବ ରଥ ଓ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ପ୍ରତିନିଧିତ୍ୱରେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅକ୍ଷୟ ରାଜଗୁରୁ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

rgdselfie@gmail.com



@ ଭୈରବ



@ ଡିଟୁ



@ ଜୟରାମ



@ କେଶବ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ୨ଦିନ ପରେ ନଦୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

କୋଷାଗୁମୁଡା ୨୫।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ଅଧୀନ ବିଞ୍ଜିଲୀ ପଞ୍ଚାୟତ ଘାଟକୁସୁମୀ ଗ୍ରାମର ଜଣେ ଯୁବକଙ୍କ ଇନ୍ଦ୍ରାବତୀ ନଦୀରେ ବୁଡି ମୃତ୍ୟୁ ହୋଇଛି। ସେ ହେଲେ ଘାଟକୁସୁମୀର ମନବଧ ଭତ୍ରା (୩୫)। ସୂଚନାନୁଯାୟୀ ମନବଧ ଶୌଚ ପାଇଁ ନଦୀକୁ ଯାଇଥିଲେ। ସେଠାରେ ଗୋଡ଼ ଖସିଯିବାରୁ ସେ ନଦୀରେ ବୁଡି ଯାଇଥିଲେ। ଅନେକ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। କିନ୍ତୁ ମନବଧଙ୍କୁ ନ ପାଇ ସେମାନେ କୋଷାଗୁମୁଡା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ମଙ୍ଗଳବାର ମନବଧଙ୍କ ମୃତଦେହ ନଦୀରେ ଭାସୁଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଦମକଳବାହିନୀ ଇନ୍ଦ୍ରାବତୀ ନଦୀରୁ ଭାସମାନ ଅବସ୍ଥାରେ ମୃତଦେହ ଜବତ କରିଛି। ଏ ନେଇ କୋଷାଗୁମୁଡା ଥାନାରେ ଏକ ଅପମୃତ୍ୟୁ ମାମଲା (କେସ୍ ନଂ ୧୩/୨୨) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ କହିଛନ୍ତି।

# ଭୁବନେଶ୍ୱର ଗଲା ରାୟଗଡ଼ା ମହିଳା ହକି ଟିମ୍

ରାୟଗଡ଼ା ଅଫିସ, ୨୫।୧୦

ହକି ଆସୋସିଏଶନ ଅଫ୍ ଓଡିଶା ଦ୍ୱାରା ସିନିୟର ଓମେନ୍ସ ହକି ଓପନ୍ ଚାମ୍ପିୟନଶିପ୍ ଆସନ୍ତା ୨୭ରୁ ୩୧ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ରାୟଗଡ଼ାରୁ ଏକ ୧୬ଜଣିଆ ହକି ଟିମ୍ ଭୁବନେଶ୍ୱର ଗସ୍ତ କରିଛି। ଏହା ହେଉଛି ରାୟଗଡ଼ା ଜିଲାର ପ୍ରଥମ ମହିଳା ହକି ଟିମ୍। ମଙ୍ଗଳାର ହୀରାଖଣ୍ଡ ଏକ୍ସପ୍ରେସରେ ଖେଳାଳିମାନେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। କ୍ୟାପଟେନ୍ ନମିତା ବେନିଆ, ଉପକ୍ୟାପଟେନ ଅନୁରାଧା ଜିଲାକାରା, ଏସ୍.ହରିପ୍ରିୟା, ଶିବାନୀ ବେସ୍ତ୍ର, ପ୍ରିୟଙ୍କା ପାଲକା, ମମତା ପାଲକିଆ, ପାପୁନି ବିଭର, ଆରତୀ ନାୟକ, ଅଞ୍ଜନୀ ମାଝି, ଲିଜିନା ହିକ୍‌କା, ଜ୍ୟୋତ୍ସ୍ନା ସାଗର, ଗୀତାଞ୍ଜଳି ପୌଢ, ସୁରଭୀ ହିଆଲ, ତପସ୍ୱିନୀ ବାଗ, ଆଲମୀ ସାରକା ଓ ଉର୍ବଶୀ ନାଏକ ପ୍ରମୁଖ ଟିମ୍ ଖେଳାଳି ଭୁବନେଶ୍ୱର ଯାଇଛନ୍ତି। ଯିବା ପୂର୍ବରୁ ହକି ଟିମ ମ୍ୟାନେଜର ରୀତାରାଣୀ



ଜିଲା ପ୍ରଶାସନ ଅଧିକାରୀଙ୍କ ସହ ଖେଳାଳି ଓ ଅନ୍ୟମାନେ।

**ହକି ଚାମ୍ପିୟନଶିପ୍‌ରେ ମାଲକାନଗିରି ବିପକ୍ଷରେ ଖେଳିବ ପ୍ରଥମ ମ୍ୟାଚ**

ମିଶ୍ର, କୋଚ ସୁନୀଲ କୁମାର ମହନ୍ତଙ୍କ ଉପସ୍ଥିତିରେ ରାୟଗଡ଼ା ହକି ଟିମ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ଭେଟିଥିଲେ। ସେ ମହିଳା ହକି ଟିମକୁ ଶୁଭେଚ୍ଛା ଜଣାଇବା ସହ ହାର ଜିତକୁ ଗୁରୁତ୍ୱ ନ ଦେଇ ଜଣେ ଶ୍ରେଷ୍ଠ ଖେଳାଳିଭାବେ ନିଜର ଦକ୍ଷତା ଦେଖାଇବାକୁ ପରାମର୍ଶ ଦେଇଥିଲେ। ଭଲ ଖେଳିଲେ ସଫଳତା ନିଶ୍ଚିତ ମିଳିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଖେଳାଳିଙ୍କୁ ଖେଳ ଉପକରଣ, ଟ୍ରାକ୍‌ସୁଟ, ଡ୍ରେସ ପ୍ରଦାନ କରାଯାଇଛି। ଏହି ସମୟରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲେନୁର ଉପସ୍ଥିତ ଥିଲେ। ସୂଚନାନୁଯାୟୀ ୨୭ତାରିଖରେ ରାୟଗଡ଼ା ଟିମ୍ ମାଲକାନଗିରି ବିପକ୍ଷରେ ନିଜର ପ୍ରଥମ ମ୍ୟାଚ ଖେଳିବ।

# ବିରିଗୁଡ଼ାକୁ ହରାଇ ବିଜରାଗୁଡ଼ା ଚାମ୍ପିୟନ

ନବରଙ୍ଗପୁର,୨୫।୧୦(ବି.ପ୍ର.)

ତେନ୍ତୁଳିଖୁଣ୍ଟି ବ୍ଲକ ବିଜରାଗୁଡ଼ା ବାଳିକା ବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ଦିଲୀପ ମାଝି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂକରି ବିରିଗୁଡ଼ା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮୧ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବିଜରାଗୁଡ଼ା କ୍ରିକେଟ ଦଳ ୯.୪ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହକରି ଦିଲୀପ ମାଝି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଛି। ବିଜରାଗୁଡ଼ାର କିଶୋର ଖଣ୍ଡପାନଙ୍କୁ ଅଲରାଉଣ୍ଡ ଖେଳ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ୍ ଦି ସିରିଜଭାବେ ପୁରସ୍କୃତ କରାଯାଇଛି। ଉଦ୍‌ଯାପାନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଜିଲା କ୍ରୀଡ଼ା ସଂଘ ସହସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ନବରଙ୍ଗପୁର ଥାନାଧିକାରୀ ନରେଶ କୁମାର ଯୋଗଦେଇଥିଲେ। ଏହି ଅବସରରେ ତେନ୍ତୁଳିଖୁଣ୍ଟି ବ୍ଲକ ଉପାଧକ୍ଷ ରାକେନ୍ଦ୍ର ବିଷୋୟୀ, ସ୍ଥାନୀୟ ସରପଞ୍ଚ ରତ୍ନା ଜାନି, ପୂର୍ବତନ ବ୍ଲକ ଉପାଧକ୍ଷ ତନୟ ସାଗର ନାୟକ, କୁକୁଡ଼ାବାଇ ପୂର୍ବତନ ସରପଞ୍ଚ ଧନୁର୍ଯ୍ୟୟ ସୌରା,

**ଦିଲୀପ ମାଝି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

କଂଗରା ସରପଞ୍ଚ ଦୁର୍ଯ୍ୟୋ ମାଝି, ବରିଷ୍ଠ ନେତା ଗଜେନ୍ଦ୍ର ସଗରିଆ, ନିବି ମାଝି, ଭୋଳାନାଥ ବାଘ, ନୀଳା ବାଘ, ଗୋଲକ ନାୟକ, ଭବାନୀ ଶଙ୍କର ବିଷୋୟୀ, ମୁନା ବାବୁ ଓ ସମିତି ସଭ୍ୟ ଜିତେନ୍ଦ୍ର ଖଣ୍ଡପାନ ପ୍ରମୁଖ ମଞ୍ଚାସୀନ ଥିଲେ। ଜ୍ଞାନରଞ୍ଜନ ଖଣ୍ଡପାନ ଏବଂ ଚନ୍ଦନ ମାଝି ମ୍ୟାଚ ପରିଚାଳନା କରିଥିଲେ। ଥବିର ହରିଜନ, ରଜନୀକାନ୍ତ ଖଣ୍ଡପାନ, ରାମ ମାଝି, ଆଶିଷ ମାଝି, ଗଜେନ୍ଦ୍ର ମାଝି, ଭୁଜବଳ ବାଘ, ନୀର ମାଝି, ନିବି ମାଝି, ପ୍ରମୋଦ ଡଙ୍ଗିରି, ସମୀର ମାଝି, ନ୍ୟୁରାଜ ଡଙ୍ଗିରି,ମୁନା ବାଘ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ସଂକ୍ଷେପରେ

### ନାଗସାପ ଉଦ୍ଧାର



ଜୟପୁର,୨୫ା୧୦(ନି.ପ୍ର.)-ଜୟପୁର ହାଲୋ ଜୟପୁର ନିକଟରେ ଥିବା କେନ୍ଦ୍ରୀୟ ଚାରା ଉଦ୍ୟାନରୁ ନାଗସାପ ଉଦ୍ଧାର ହୋଇଛି । ଉଦ୍ୟାନର କର୍ମଚାରୀମାନେ ସାପ ଦେଖି ସ୍ନେକ୍ ହେଲ୍ପଲାଇନର କୃଷ୍ଣକେଶବ ଷଡ଼ଙ୍ଗୀଙ୍କୁ ଖବର ଦେଇଥିଲେ। ଷଡ଼ଙ୍ଗୀ ପହଞ୍ଚି ଉଦ୍ୟାନରୁ ସାଢେ ୫ ଫୁଟର ନାଗସପ ଉଦ୍ଧାରକରି ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାଯାଇଛି ।

### ଗଙ୍ଗାନଗରରେ ସିରିଜ ଚୋରି

ଜୟପୁର, ୨୫ା୧୦ (ନି.ପ୍ର.)-ଜୟପୁର ସହରରେ ସିରିଜ ଚୋରି ହୋଇଛି । ସହରର ଗଙ୍ଗାନଗର ଓ ମାନସିଂ ଲାଇନରେ ଏହି ଚୋରି ହୋଇଥିବା ଜଣାପଡ଼ିଛି। ଗଙ୍ଗାନଗରର ଅନିଲ କୁମାର ଠାକୁର ଓ ସତ୍ୟ ନାରାୟଣ ପାଣିଗ୍ରାହୀଙ୍କ ଘରୁ ଭୋର ସମୟରେ ଚୋରି ହୋଇଛି । ଦୁର୍ବୃତ୍ତ ଜଣକ ମୁହଁରେ କପଡ଼ା ବାନ୍ଧି ଚୋରି କରିଛନ୍ତି । ଅନିଲଙ୍କ ସ୍ତ୍ରୀ ଘର ଛାତ ଉପରେ ଫୁଲ ତୋଳୁଥିବା ବେଳେ ଦୁର୍ବୃତ୍ତ ଜଣକ ଘରେ ପଶି ଟଙ୍କା, ସୁନାଫୁଲ ଚୋରି କରି ନେଇଛନ୍ତି। ସେହିପରି ସତ୍ୟନାରାୟଣଙ୍କ ଘରେ ପଶି ୧୧ ହଜାର ଟଙ୍କା, ସୁନାଚୁଡି ଏଟିଏମ୍ କାର୍ଡ ନେଇଯାଇଛନ୍ତି। କାର୍ତ୍ତିକ ମାସ ଯୋଗୁ ସତ୍ୟନାରାୟଣଙ୍କ ସ୍ତ୍ରୀ ଭୋର ସମୟରେ ମନ୍ଦିର ଯାଇଥିବା ବେଳେ ଦୁର୍ବୃତ୍ତ ଜଣକ ଘରେ ପଶି ଚୋରି କରିଥିବା ଜଣାପଡ଼ିଛି। ସେହିପରି ମାନସିଂ ଲାଇନରେ ଘରେ ପଶୁଥିବ ବେଳେ ଲୋକେ ଦେଖି ପାଟି କରିବାରୁ ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଥିଲେ। ଏନେଇ ସମସ୍ତ ଚୋରି ଘଟଣା ସିସି କ୍ୟାମେରାରେ କଏଦ ହୋଇଛି। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛି ।

### ଗୃହରକ୍ଷୀଙ୍କ ମୃତଦେହ ସତ୍କାର କଲେ ପୋଲିସ କର୍ମଚାରୀ

ଚିତ୍ରକୋଣ୍ଡା,୨୫ା୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ହନୁମାନ ମନ୍ଦିର ନିକଟସ୍ଥ ଇଟାଭାଟି ସାହିରେ ରହୁଥିବା ଗୃହରକ୍ଷୀ ସୋନୁ ନାଗଙ୍କ ସୋମବାର ସନ୍ଧ୍ୟାରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ ୧୯୮୮ରୁ ଏଯାବତ୍ ଦୀର୍ଘ ୩୪ ବର୍ଷ ଧରି ଚିତ୍ରକୋଣ୍ଡା ଥାନାରେ ଗୃହରକ୍ଷୀ ଭାବରେ କାର୍ଯ୍ୟ କରିଆସୁଥିଲେ । ସୋମବାର ସନ୍ଧ୍ୟାରେ କାର୍ଯ୍ୟ କରୁଥିବା ସମୟରେ ସେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଥାନା ପକ୍ଷରୁ ଥାନା ଅଧିକାରୀ ଅନିଲ ପରିଡ଼ା ଏବଂ ଚିତ୍ରକୋଣ୍ଡା ଏସଡ଼ିପିଓଙ୍କ ସମେତ କର୍ମଚାରୀମାନେ ତାଙ୍କ ବାସଗୃହରେ ପହଞ୍ଚି ମୃତଦେହ ଶ୍ମଶାନ ଘାଟକୁ ନେଇ ଦାହ କରିଥିଲେ । ସୋନୁ ଚିତ୍ରକୋଣ୍ଡା ଦିବ୍ୟ ଜୀବନ ସଂଘ ର ଜଣେ ସଦସ୍ୟ ତଥା ଗୁରୁ ଶିବାନନ୍ଦଙ୍କ ଆଶ୍ରିତ ଥିଲେ।

# ବିଦ୍ୟୁତ୍ ତାର ଲାଗି ଯୁବକଙ୍କ ମୃତ୍ୟୁ, ଉତ୍ତେଜନା

କୋରାପୁଟ,୨୫ା୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ନନ୍ଦପୁର ଥାନା ଅନ୍ତର୍ଗତ ଉମ୍ବଲ ପଞ୍ଚାୟତର ମେଡ଼ିପୁଟ ଗ୍ରାମରେ ମଙ୍ଗଳବାର ଘଟିଛି ଏକ ଅଘଟଣ। ବାର୍‌ହା ଶିକାର ପାଇଁ ସଂଯୋଗ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ପଦୁ ଗୁଣ୍ଡା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଖବରରୁ ଜଣାପଡିଛି, ବାର୍‌ହା ଉପଦ୍ରବ ନେଇ ତାକୁ ଧରିବାକୁ କେହି ବ୍ୟକ୍ତି ଜମିରେ ବିଦ୍ୟୁତ୍ ତାର ବିଛାଇଥିଲେ। ପଦୁ ବଡ଼ିଭୋରରୁ ଜମିକୁ ଯାଉଥିବାବେଳେ ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରେ ଗ୍ରାମବାସୀଙ୍କ ଉଦ୍ୟମରେ ବିଦ୍ୟୁତ୍ ତାର କଟାଯାଇ ତାଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ନନ୍ଦପୁର ଥାନା ଅଧିକାରୀ ପି.ସି. ଲାକ୍ରା ଘଟଣାସ୍ଥଳରେ ପହଞ୍ଚି ପଦୁଙ୍କୁ



ପଦୁଙ୍କୁ ଜମିରୁ ଉଦ୍ଧାର କରିବାକୁ ଯାଇଥିବା ଗ୍ରାମବାସୀ।

ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତିକରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ପଦୁଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ

**ମେଡ଼ିପୁଟ ଗ୍ରାମରେ ଅଘଟଣ**

ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ନନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ଜଣାପଡିଛି ।

# ଦାମନଯୋଡ଼ିରେ ମା'କାଳୀଙ୍କ ପୂଜାର୍ଚ୍ଚନା

ଦାମନଯୋଡି,୨୫ା୧୦(ଡି.ଏନ.ଏ.)

ପବିତ୍ର ଦୀପାବଳି,ପୟାଶ୍ରାଦ୍ଧ ଓ ମା' ଶ୍ୟାମାକାଳୀଙ୍କ ପୂଜା ସୋମବାର ଦାମନଯୋଡିର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ମା'କାଳୀଙ୍କ ପୂଜା ଅବସରରେ ଦାମନଯୋଡିର ଆରାଧ୍ୟା ଦେବୀ ମାଁ କଣ୍ଟା ବାଉଁଶୁଣୀଙ୍କ ପୀଠ ଓ ମାଥାଲପୁଟ ମାର୍କେଟସ୍ଥିତ ମା' ଭଦ୍ରକାଳୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜା ହୋଇଥିଲା। ସେହିପରି ନାଲକୋ ଟାଉନଶିପ ସେକ୍ଟର-୩ ପୂଜା ମଣ୍ଡପ ଓ ସେକ୍ଟର-୧ ମଣ୍ଡପରେ ମା'ଶ୍ୟାମାକାଳୀଙ୍କ ମଧ୍ୟରାତ୍ର ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ହୋଇଯାଇଛି। ମା'ଙ୍କ ଘଟ ଆମନ୍ତ୍ରଣ ସହିତ ମଧ୍ୟ ରାତ୍ରରେ ଚକ୍ଷୁ ଦାନ, ଷୋଡଶ ଉପଚାର ପୂଜା, ଚଣ୍ଡୀ ପାଠ ଓ ଭୋର ପୂର୍ବରୁ ଘଟ ବିସର୍ଜନ ଆଦି ନୀତି ସମ୍ପନ୍ନ ହୋଇଥିଲା। ସେକ୍ଟର-୩ ପୂଜା ୨୭ବର୍ଷରେ ପଦାର୍ପଣ କରିଥିବାରୁ ପୂଜକ ପ୍ରଦୀପ ରଞ୍ଜନ ମିଶ୍ର, ଅମର ଦାଶ ଓ ମନୋରଞ୍ଜନ ତ୍ରିପାଠୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ତ୍ତା ତଥା ନାଲକୋର ପୂର୍ବତନ ସମୂହ ମହାପ୍ରବନ୍ଧକ ଅରୁଣ ଦାସ, ପୂଜାକମିଟି ସଭାପତି ତଥା ନାଲକୋ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ହରପ୍ରସାଦ ଦାଶ ଓ ସମ୍ପାଦକ ନିର୍ମଳ ରାଉତ ପୂଜକଙ୍କୁ ସମ୍ମାନିତ କରିଥିଲେ। କର୍ମକର୍ତ୍ତା ବସନ୍ତ ପଣ୍ଡା,ମହେନ୍ଦ୍ର ଖଟୁଆ, ଚିନ୍ମୟ ସାହୁ, ମନୋଜ ବେହେରା ଓ ପ୍ରମୋଦ କୁଣ୍ଡୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସେକ୍ଟର- ୧ ଓ ୨ ସାର୍ବଜନୀନ ମା'ଦୁର୍ଗା ଓ କାଳୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ପୂଜାରେ ପୂଜକ ଦେବୀ ସନ୍ତୋଷ ମିଶ୍ର, ସୁଧାଂଶୁ ଶେଖର ତ୍ରିପାଠୀ ଓ ତପନ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ବୈକୁଣ୍ଠ ଚନ୍ଦ୍ର ବିଶ୍ୱାଳ ଓ ସ୍ତ୍ରୀ ପ୍ରତିମା ବିଶ୍ୱାଳ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ଅନାମ ଚରଣ ନାୟକ, ସମ୍ପାଦକ ଆନନ୍ଦ ମୋହନ ପ୍ରସାଦ, କର୍ମକର୍ତ୍ତା ଶୁକଦେବ ପଟ୍ଟାୟତ, ରଞ୍ଜନ ବେହେରାଙ୍କ ସହିତ ଶିଶିର ମିଶ୍ର, କୃଷ୍ଣ ଚନ୍ଦ୍ର ପରିଡ଼ା, ସନ୍ତୋଷ ପଣ୍ଡା, ସଦାଶିବ ବେହେରା, ବିଚିତ୍ରାନନ୍ଦ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରବିବାର ସଂଧ୍ୟାରେ ଭସାଣି ଉତ୍ସବ ହେବ।

# ମାଲକାନଗିରିରେ ଦୀପାବଳି ଉତ୍ସବ

ମାଲକାନଗିରି,୨୫ା୧୦ (ଡି.ଏନ୍.ଏ)

ଦୀପାବଳି ଦିନ ସୂର୍ଯ୍ୟୋପରାଗ ପଡ଼ିଥିବାରୁ ଦିନକ ପୂର୍ବରୁ ମାଲକାନଗିରି ଜିଲାରେ ଦୀପାବଳି ଉତ୍ସବକୁ ଲୋକେ ଧୁମଧାମରେ ପାଳନ କରିଛନ୍ତି। ଜିଲା ସଦରସ୍ଥିତ ମା' କାଳୀପୂଜା କମିଟି ପକ୍ଷରୁ ମା'କାଳୀଙ୍କ ପୂଜାର୍ଚ୍ଚନା ସୋମବାର ରାତିରେ ବିଧି ଅନୁସାରେ ପାଳିତ ହୋଇଥିବା ଦେଖିବାକୁ ମିଳିଛି। ରାତି ୪ ଘଟିକାରେ ବେଙ୍ଗଲି ସମ୍ପ୍ରଦାୟର ମହିଳା ପୁରୁଷମାନେ ମା' କାଳୀଙ୍କ ପୂଜାର୍ଚ୍ଚନା କରିଥିଲେ। ସହରର ବିଭିନ୍ନ ଅଞ୍ଚଳରେ ମଧ୍ୟ ମା'ଙ୍କ ପୂଜା ପାଳିତ ହୋଇଛି। ପ୍ରତ୍ୟେକ ଘରେ ହିନ୍ଦୁ ପରମ୍ପରା ଅନୁଯାୟୀ ପିତୃ ପୁରୁଷମାନଙ୍କୁ ଦୀପାବଳିରେ ଦୀପଦାନ ସହ ପିଣ୍ଡଦାନ କରାଯାଇଥିଲା। ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ଆତସବାଜିରେ ସହର ପ୍ରକମ୍ପିତ ହୋଇଥିଲା। ତେବେ ଚଳିତବର୍ଷ ଏହି ଆତସବାଜି ଫୁଟାଇବା ବେଳେ କୌଣସି ଅଘଟଣ ଘଟି ନ ଥିବା ଜଣାପଡିଛି। ପୋଲିସ ପକ୍ଷରୁ ସହରସାରା ପାଟ୍ରୋଲିଂ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଆଜି ତିଥି ଅନୁଯାୟୀ ମଙ୍ଗଳବାର ଦୀପାବଳି ପଡିଥିଲେ ମଧ୍ୟ ସୂର୍ଯ୍ୟୋପରାଗ ଯୋଗୁ ସମସ୍ତ ଦେବଦେବୀ ମନ୍ଦିରରେ ନୀତି ବନ୍ଦ ରହିଛି।

# ବେଆଇନ ବାଣ ବ୍ୟବସାୟକରି ୫ ଗିରଫ

କୋରାପୁଟ, ୨୫ା୧୦(ସ୍ୱ.ପ୍ର.)

କୋରାପୁଟ ସହର ତଥା ଆଖପାଖ ଅଞ୍ଚଳରେ ଦୀପାବଳି ଅବସରରେ ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ବାଣ ଜବତ ହୋଇଛି। ଏନେଇ ଟାଉନ ଥାନାରେ କେସ୍ ନଂ. ୨୭୬/୨୨, ୨୭୭/୨୨,୨୭୮/୨୨, ୨୭୯/୨୨, ୨୮୦/୨୨ରେ ୫ଟି ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏସ୍ଆଇ ସୁଦର୍ଶନ ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଡୁମୁରିପୁଟ ଯାଇ ସେଠାରେ ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ଅରୁଣ ପାଳ, ସୁନାଧାର ନାୟକ, ପ୍ରଫୁଲ୍ଲ ପୃଷ୍ଟିଙ୍କୁ ଗିରଫ କରିଥିବାବେଳେ କୋରାପୁଟ ସହରର ବନ ଭାରତୀ କଲୋନୀ ଅଞ୍ଚଳରେ ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ଦେବେନ୍ଦ୍ର ନାଥ ସାହୁ ଏବଂ ସୁନାରିସାହିର ସିତୁଞ୍ଜୟ କୁମାରଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ୪୫ କେଜି ଗଞ୍ଜେଇ ଜବତ, ୨ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ ।

ମାଲକାନଗିରି,୨୫ା୧୦(ଡି.ଏନ୍.ଏ.)

ଗଞ୍ଜେଇ ଚୋରାଚାଲାଣ ବେଳେ ମାଲକାନଗିରି ସଦର ପୋଲିସ ୪୫ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାଜସ୍ଥାନର ନଜମୁଲ ହୁସେନ୍ ଖାନ୍ ଓ ଅନ୍ୟ ଜଣେ ମହାରାଷ୍ଟ୍ରର ଆମିନୁଲ ସେଖ୍ ବୋଲି ଜଣାପଡିଛି। ରବିବାର ରାତିରେ ବିଶେଷ ସୂତ୍ରରୁ ଖବର ପାଇ ଏସ୍ଆଇ ପି. ଗୌଡ଼ଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଗୌଡଗୁଡାଛକଠାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୨ଜଣ ବ୍ୟକ୍ତି ଗୋଟିଏ ବାଇକ୍‌ରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଏକ ବ୍ୟାଗ୍‌ରୁ ଉପରୋକ୍ତ ପରିମାଣରର ଗଞ୍ଜେଇ ମିଳିଥିଲା। ସେମାନଙ୍କ ନିକଟରୁ ୨ଟି ମୋବାଇଲ ଫୋନ, ୫ହଜାର ଟଙ୍କା ସହ ବାଇକ୍ ଜବତ ହୋଇଛି। ଉଭୟଙ୍କ ସୋମବାର କୋର୍ଟଚାଲାଣ କରାଯାଇଛି।

# ବିଭିନ୍ନ ପ୍ରତିଯୋଗିତାରେ ସରିଲା ଆଞ୍ଚଳିକସ୍ତରୀୟ ସୁରଭି

ମାଲକାନଗିରି,୨୫ା୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା କେନ୍ଦ୍ରାଗୁମ୍ପା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରୀଙ୍କୁ ନେଇ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୮ଟି ବିଦ୍ୟାଳୟର ୫୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୧୨ ଜଣ ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ଚିତ୍ରାଙ୍କନ, ହସ୍ତାକ୍ଷର, ସଙ୍ଗୀତ, କୁଇଜ୍ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତି ଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ହେବାକୁ ଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ତେବେ



ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ମଙ୍ଗଳବାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିଆର୍‌ସିସି ସୋମନାଥ ବେହେରା ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନିରଞ୍ଜନ ପଣ୍ଡା ପରିଚାଳନା କରିଥିଲେ।

# ୪୦ କାର୍ଯ୍ୟପ୍ରଣାଳୀ ପ୍ରଦର୍ଶନ କଲା ଅଗ୍ନିଶମ ବିଭାଗ



ଅଗ୍ନିଶମ କର୍ମଚାରୀମାନେ ମକ୍‌ଡ୍ରିଲ କୌଶଳ ପ୍ରଦର୍ଶନ କରୁଛନ୍ତି ।

ଦଶମନ୍ତପୁର, ୨୫ା୧୦( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ବୋନସିଲସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ସେବାଶ୍ରମରେ ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ଏମ୍.ପି.ବାଞ୍ଛା, ମିଥୁନ ଦଳାଇ, ତପନ ସ୍ୱାଇଁ, ପ୍ରଦ୍ୟୁମ୍ନ ଶବର, ରଘୁନାଥ ସେଠୀ, ଜଗବନ୍ଧୁ ସାହୁ ସାମିଲ ହୋଇଥିଲେ। ବିଦ୍ୟାଳୟର ୱାର୍ଡେନ ପୂର୍ଣ୍ଣିମା ନନ୍ଦ, ଶତାଧିକ ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ମକ୍‌ଡ୍ରିଲ୍‌ରେ ଗ୍ୟାସ୍ ଓ ଘରେ ହଠାତ୍ ନିଆଁ ଲାଗିଗଲେ ଭୟ ନ କରି ଏହାକୁ କିପରି ଆୟତ୍ତ କରିବା, ବନ୍ୟା,ବାତ୍ୟା ଓ ଦୁର୍ଘଟଣାଗ୍ରସ୍ତଙ୍କୁ କିପରି ସୁରକ୍ଷାର ସହ ଉଦ୍ଧାରକରିବା ଏପରି ୪୦ଟି କାର୍ଯ୍ୟପ୍ରଣାଳୀ ପ୍ରଦର୍ଶନ କରିଥିଲେ।

# ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ବୈଠକ

କୋରାପୁଟ,୨୫ା୧୦(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଅନ୍ତର୍ଗତ ଝଡ଼ିଗୁଡ଼ା କାମସୁନା ହାଇସ୍କୁଲଠାରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା )ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଚଳିତବର୍ଷ ପ୍ରଥମରୁ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସପ୍ତମ କମିଶନ ହାରରେ ବେତନ ପ୍ରଦାନ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ, ଏହା ଘୋଷଣା ହେବାର ଦୀର୍ଘ ୧୦ମାସ ବିତିଯାଇଥିଲେ ମଧ୍ୟ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇପାରିନାହିଁ। ଯେଉଁ ବିଦ୍ୟାଳୟଗୁଡ଼ିକ ୭୫ ପ୍ରତିଶତ କିମ୍ବା ଶହେ ପ୍ରତିଶତ ଦରମା ପାଉଛନ୍ତି ସେମାନଙ୍କ ପାଇଁ ଆନୁପାତିକ ହାରରେ ସପ୍ତମ ବେତନ ଅନ୍ତର୍ଭୁକ୍ତ କରାଯାଉ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଅନୁଦାନରୁ ବାଦ୍ ପଡ଼ିଥିବା ୧୯୪ ହାଇସ୍କୁଲକୁ ସିଧାସଳଖ ସପ୍ତମ ବେତନ ହାରରେ ତୁରନ୍ତ ଅନୁଦାନ ପରିସରଭୁକ୍ତ କରିବା, ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ଗ୍ରେଡ୍ ପେ ୧୫୦୦ରୁ ୧୭୦୦କରିବା, ୬୪୮ ମାଧ୍ୟମିକ ବିଦ୍ୟାଳୟ ପୂର୍ଣ୍ଣ ଅନୁଦାନ ପାଉଥିବା ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ଦେବା, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ଭତ୍ତା, ଲିଭ ରୁଲ୍ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,୫-ଟି ସଚିବ ଭି.କେ. ପାଣ୍ଡିଆନ, ପ୍ରଣବ ପ୍ରକାଶ ଦାସଙ୍କୁ ଜିଲ୍ଲା ଓଷ୍ଟା ସଂଘ ପକ୍ଷରୁ ଅନୁରୋଧ କରାଯାଇଛି ବୋଲି ବୈଠକରେ ଜିଲ୍ଲା ଓଷ୍ଟା ସମ୍ପାଦକ ଅଶୋକ ପଟ୍ଟନାୟକ ସୂଚନା ଦେଇଥିଲେ। ଓଷ୍ଟା ସଭାପତି ସୁଶାନ୍ତ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଜୟ ଭଞ୍ଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ବୈଦ୍ୟ, ଉପଦେଷ୍ଟା ଅକ୍ଷୟ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପରିଡ଼ାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଓଷ୍ଟା କର୍ମକର୍ତ୍ତା, ସଦସ୍ୟ।

# ଆଲୋକର ପର୍ବ ପାଳିଲେ, ଶପଥ ନେଲେ

ମାଥିଲି/ଏମ୍‌ଭି-୭୯, ୨୫ା୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଆନନ୍ଦ ଉଲ୍ଲାସର ସହ ଆଲୋକର ପର୍ବ ଦୀପାବଳି ସହ କାଳିପୂଜା ପାଳିତ ହୋଇଯାଇଛି। ଜିଲା ସଦର ମହକୁମା ସମେତ ସମସ୍ତ ବ୍ଲକ୍‌ର ସହର ଓ ଗ୍ରାମାଞ୍ଚଳରେ ଲୋକେ ବଡ଼ବଡୁଆ ଡାକି ଦୀପ ଜାଳି ପାଳିଛନ୍ତି ଏହି ପର୍ବ। ମାଥିଲି ବ୍ଲକ ଏବଂ ଗୋବିନ୍ଦପାଲି ଅଞ୍ଚଳରେ ମଧ୍ୟ ଏହି ଆଲୋକର ପର୍ବ ହସଖୁସିରେ ବାଣ ଫୁଟାଇ ଜନସାଧାରଣ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ମାଥିଲି ଓ ଗୋବିନ୍ଦପାଲି ଅଞ୍ଚଳରେ ହେଉଥିବା କୁକୁଡ଼ାଗାଲି, ଜୁଆଖେଳ ପରି କୁତ୍ସିତ ପରମ୍ପରାକୁ ତ୍ୟାଗକରିବା ଲାଗି ଜନସାଧାରଣ ଶପଥ ନେବାକୁ ମାଥିଲି ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ପରାମର୍ଶ ଦେଇଥିଲେ। ଯଦି ଏଥିରେ କୌଣସି ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀ ଏହି କାର୍ଯ୍ୟକୁ ପ୍ରୋତ୍ସାହନ ଦିଅନ୍ତି ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରାଯିବ ବୋଲି ସୂଚନା କହିଛନ୍ତି। ଥାନା ଅଧିକାରୀଙ୍କ ଏପରି ଆହ୍ୱାନକୁ ଦୁରୁଆ ସମାଜର ସାଧାରଣ ସମ୍ପାଦକ ବଳରାମ ନାୟକ ସ୍ୱାଗତ କରିଛନ୍ତି। ଏ ଦିଗରେ ଆଦିବାସୀ ସଂଘ ମଧ୍ୟ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବ ସେ କହିଛନ୍ତି।

ଜିଲାର କାଲିମେଳା ବ୍ଲକ ଏମ୍‌ଭି-୭୯ରେ ମଧ୍ୟ ଆଡମ୍ବର ସହକାରେ ଦୀପାବଳି ସହ କାଳୀପୂଜା ପାଳିତ ହୋଇଛି। ଏଥିପାଇଁ ପ୍ରତ୍ୟେକ ଗାଁ ଉତ୍ସବମୁଖର ହୋଇ ଉଠିଛି। କରୋନା କଟକଣା ଯୋଗୁ ଗତବର୍ଷ ଉକ୍ତ ଉତ୍ସବ ପାଳନ ହୋଇପାରି ନ ଥିଲା। ଚଳିତ ବର୍ଷ ଘରେ ଦୀପ ଲଗାଇ ପାରମ୍ପରିକ ପୂଜାର୍ଚ୍ଚନା କରି ଲୋକମାନେ ଦୀପାବଳି ପାଳିଛନ୍ତି। ଲୋକେ ଘରେ ଓ ବାହାରେ ଦୀପ ଜାଳିବା ସହ ରଙ୍ଗବେରଙ୍ଗର ଆଲୋକମାଳାରେ ଘରଗୁଡ଼ିକୁ ସଜାଇଥିବା ଦେଖିବାକୁ ମିଳିଥିଲା।

# ଜଳିଗଲା ଫଳ, ଜଳଖିଆ ଦୋକାନ

ଜୟପୁର/ କାଲିମେଳା, ୨୫ା୧୦(ନି.ପ୍ର./ଡି.ଏନ.ଏ.)

ଜୟପୁର ନିକଟ ରତ୍ନାକରଗୁଡ଼ା ନିକଟରେ ଥିବା ଫଳ ଦୋକାନରେ ଅଗ୍ନିକାଣ୍ଡ ଘଟିଛି । ସୋମବାର ଭୋର ସମୟରେ ଫଳଦୋକାନଟି ଜଳିଯାଉଥିବା ଦେଖିବାକୁ ମିଳିଥିଲା। ସମ୍ମୁଖରେ ଜଗନ୍ନାଥ ପେଟ୍ରୋଲ ପମ୍ପ ରହିଛି । ସ୍ଥାନୀୟ ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡ ଦୁର୍ଘଟଣାକୁ ରୋକାଯାଇପାରିଥିଲା। ଦୋକାନରେ ଥିବା ପ୍ରାୟ ୩ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଶର୍ଟସର୍କିଟ ଯୋଗୁ ଏପରି ହୋଇଥିବା କୁହାଯାଉଛି । କୋଦାନ ମାଲିକ ମୁକୁନ୍ଦ ଖରା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ମାମଲା ରୁଜୁକରି ଏହାର ତଦନ୍ତ ଆରମ୍ଭ



ଜୟପୁରରେ ଜଳିଯାଇଥିବା ଫଳ ଦୋକାନ ।

କରିଛି । ସାଇଣ୍ଟିଫିକ ଟିମ୍ ମଧ୍ୟ ତଦନ୍ତ କରି ଫେରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପ୍ରକାଶ କରିଛନ୍ତି।

ସୋମବାର ସନ୍ଧ୍ୟାରେ ଦୀପାବଳି ଉତ୍ସବ ପାଳନ ଚାଲିଥିବା ସମୟରେ ମାଲାକାନଗିରି ଜିଲା କାଲିମେଳା ବ୍ଲକ ସଦର ମହକୁମା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଏକ ଜଳଖିଆ ଦୋକାନରେ ନିଆଁ ଲାଗି ପୋଡିଯାଇଛି। ଦୋକାନ ଭିତରେ ଥିବା ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପଡିଆ ବ୍ଲକ ସିମିଳିବାଞ୍ଛା ପଞ୍ଚାୟତ ଏମ୍‌ପିଭି- ୬୮ ଗ୍ରାମର ଶୁଭଙ୍କର କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ କେବିନ ଭଡାରେ ନେଇ ଜଳଖିଆ ଦୋକାନ କରିଥିଲେ । ଉକ୍ତ ଦୋକାନ ଗୃହରେ ସେ ରାତ୍ରିଯାପନ ମଧ୍ୟ କରୁଥିଲେ। ଶର୍ଟସର୍କିଟ କିମ୍ବା ଦୀପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ନିଆଁ ଲାଗିବା ସମୟରେ ଶୁଭଙ୍କର ଏବଂ ତାଙ୍କ ସ୍ତ୍ରୀ ସେତେବେଳ ଦୋକାନରେ ନ ଥିଲେ । ନିଆ ଲାଗିବା ପରେ ଦୋକାନ ଗୃହ ଭିତରେ ଥିବା ଗ୍ୟାସ ସିଲିଣ୍ଡର ଫାଟି ଯାଇଥିବା ଦେଖିବାକୁ ମିଳିଛି। ଶୁଭଙ୍କରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ୨ ଗାଡ଼ି ମୁହାଁମୁହିଁ, ଜଣେ ଗୁରୁତର

ରାଇଘର, (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର-ଉମରକୋଟ ମୁଖ୍ୟ ରାସ୍ତାର ମହୁଭଙ୍ଗା ଛକରେ ୨ଗାଡି ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ସୂଚନାନୁଯାୟୀ, ମଙ୍ଗଳବାର ୧୧ଟା ସମୟରେ କୁମୁଲି ଗ୍ରାମର ପ୍ରଭାତ ବିଶ୍ୱାସ ପିକଅପ୍ ଗାଡିରେ ବ୍ୟବସାୟିକ ସାମଗ୍ରୀ ଧରି ରାଇଘର ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ସୋନପୁର୍ ଡିଏନକେ ଗ୍ରାମର କିଶୋର ସାହା ନିଜ ଇକୋ ଭ୍ୟାନ୍‌ରେ ସାଙ୍ଗମାନଙ୍କ ସହ ଉମରକୋଟ ଯାଉଥିବାବେଳେ ଉଭୟ ଗାଡି ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ କିଶୋର ଗୁରୁତର ଅଛନ୍ତି। ଖବରପାଇ ତାଙ୍କ ଘର ଲୋକ କିଶୋରଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଛନ୍ତି। ରାଇଘର ପୋଲିସ ଏସ୍‌ଆଇ ମନୋରଞ୍ଜନ ବେହେରା, ଏଏସ୍‌ଆଇ ରବୀନ୍ଦ୍ର ନାଥ ପ୍ରଧାନ ଉଭୟ ଗାଡି ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

**ସଂକ୍ଷେପରେ**

## ଗୁଳି ବିନିମୟରେ ଜଣେ ମାଓବାଦୀ ମୃତ

ମାଲକାନଗିରି, ୨୫।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ବିଗତ କିଛିଦିନ ତଳେ ହୋଇଥିବା ପୋଲିସ -ମାଓବାଦୀ ଗୁଳି ବିନିମୟରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ନେଇ ମଙ୍ଗଳବାର ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି। ଗତ ୧୫ ତାରିଖରେ ଛତିଶଗଡର କାଙ୍କେର ଏବଂ ନାରାୟଣପୁର ଜିଲା ସୀମାନ୍ତରେ ଏହି ଗୁଳି ବିନିମୟ ହୋଇଥିଲା। ଏଥିରେ ସଙ୍ଗଠନର ପ୍ରମୁଖ ମାଓବାଦୀ ନେତ୍ରୀ ଛୋଟି ମଣ୍ଡାବୀ ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଛୋଟିଙ୍କ ମୃତ୍ୟୁ ହୋଇଥିବା ସଙ୍ଗଠନର ପ୍ରବକ୍ତା ସୁକଦେବ କାମଡେଙ୍କ ପକ୍ଷରୁ ଜାରି ଏହି ବିଜ୍ଞପ୍ତିରେ କୁହାଯାଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର



ମାଲକାନଗିରି, ୨୫।୧୦(ଡି.ଏନ.ଏ.)- ପ୍ରାତଃଭ୍ରମଣ ସମୟରେ ଏକ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ମାଲକାନଗିରି ଜିଲା କାଲିମେଲା ଥାନା ଭେଜାଙ୍ଗିୱାଡା ପଞ୍ଚାୟତ ଅନ୍ତର୍ଗତ ଏମପିଭି-୨୦ ଗ୍ରାମରେ ଏପରି ଘଟଣା ଘଟିଛି। ଗୁରୁତର ବ୍ୟକ୍ତି ଜଣକ ହେଲେ ଗ୍ରାମର ବିପିନ ବାରୋଇଙ୍କ ପୁଅ ଜଗଦୀଶ ବାରୋଇ(୫୮)। ସବୁଦିନ ଭଳି ଜଗଦୀଶ ଭୋର ସାଢେ ୫ଟାରେ ପ୍ରାତଃ ଭ୍ରମଣ ପାଇଁ ବାହାରିଥିଲେ। ଭେଜାଙ୍ଗିୱାଡାଠାରୁ କାଲିମେଲା ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ସେ ଚାଲି ଚାଲି ଯାଉଥିବା ବେଳେ ନିକଟସ୍ଥ ଜଙ୍ଗଲରୁ ହଠାତ ଏକ ମା' ଭାଲୁ ଏବଂ ତାର ଦୁଇ ଛୁଆକୁ ଧରି ଜଗଦୀଶଙ୍କ ଆଡକୁ ମାଡି ଆସିଥିଲା। ଜଗଦୀଶ ନିଜକୁ ବଞ୍ଚାଇବା ପାଇଁ ଭାଲୁଙ୍କ ସହିତ କିଛି ସମୟ ଲଢ଼ିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଭାଲୁ ଆକ୍ରମଣରେ ତାଙ୍କ ହାତଗୋଡ଼ ଓ ମୁହଁରେ ଆଘାତ ଲାଗିଛି। ରାସ୍ତାରେ ପ୍ରାତଃଭ୍ରମଣରେ ଯାଉଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡାକ୍ତର ଡାକ୍ତର ମୁକ୍ତିକାନ୍ତ ମଲ୍ଲିକ କହିଛନ୍ତି।

## ଚୋରି ଅଭିଯୋଗରେ ୪ ଗିରଫ

ଡାବୁଗାଁ, ୨୫।୧୦ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଚୋରି ଅଭିଯୋଗରେ ୪ ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଡାବୁଗାଁ ଥାନା ଅଧୀନ ନାଗଯୋଡି ନାଡାଗୁଡା ଗ୍ରାମର ପର୍ଶୁରାମ ଭତରା (୨୦), ଶତ୍ରୁଘ୍ନ ପୂଜାରୀ (୨୨), ଦିବ୍ୟ ହରିଜନ (୨୩) ଓ ଚାଟିଗୁଡା ଗ୍ରାମର କବାଡା ଦୋକାନୀ ସକିବ ଖାନ (୨୩)। ଝରିଗୁଡା ଗ୍ରାମ ନିକଟସ୍ଥ ଏକ ପିଚୁ ପ୍ଲାଣ୍ଟରୁ ଗତ ୧୮ ତାରିଖରେ ଡିଜି ଆର୍ମେଚର ଚୋରି ହୋଇଥିଲା। ଏନେଇ ପ୍ଲାଣ୍ଟ ସୁପରଭାଇଜର ଗୋବର୍ଦ୍ଧନ ବେହେରା ଘଟଣାର ପରଦିନ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଥିଲା। ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ପର୍ଶୁରାମ, ଶତ୍ରୁଘ୍ନ ଓ ଦିବ୍ୟଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଚୋରି ସାମଗ୍ରୀକୁ ସକିବଙ୍କ ଦୋକାନରେ ୭୭୦୦ ଟଙ୍କାରେ ବିକ୍ରି କରିଥିଲେ। ଏହାପରେ ପୋଲିସ ସକିବଙ୍କୁ ଗିରଫ କରି ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନା କେସ୍ ନଂ ୧୬୪/୨୨ ରେ ଏକ ମାମଲା ରୁଜୁ କରାଯାଇଛି। ଏହାସହ ଚୋରିରେ ବ୍ୟବହୃତ ଏକ ଓମିନୀ ଗାଡି (ଓଆର୍-୦୫ଟି-୨୨୦୪)କୁ ଜବତ କରାଯାଇଛି। ଚୋରି ହୋଇଥିବା ଆର୍ମେଚରର ମୂଲ୍ୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଥାନାଧିକାରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି।

## ଶହୀଦ ସୁବାସଙ୍କୁ ଶ୍ରଦ୍ଧାଞ୍ଜଳି

ଗୁଡାରୀ, ୨୫।୧୦(ଡି.ଏନ୍.ଏ.)- ଗୁଡାରୀ ଥାନା ପରିସରରେ ମଙ୍ଗଳବାର ଶହୀଦ ସୁବାସ ଚନ୍ଦ୍ର ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଥାନାଧିକାରୀ ଦୀନବନ୍ଧୁ ଶବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ରାୟଗଡା ଏସ୍‌ଡିପିଓ ସୁଶାନ୍ତ ତାଡଡିଆ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶହୀଦଙ୍କ ମା' ଓ ଭାଇ ଦେବେନ୍ଦ୍ର ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୁଡାରୀ ଏନ୍‌ଏସି ଅଧକ୍ଷା ସରମିତା ଶବର, ରଘୁନାଥ ପାତ୍ର, କେଦାର ସାହୁ, ସରପଞ୍ଚ ବଂଶୀଧର ଶବର, ଈଶ୍ୱର ପାଣିଗ୍ରାହୀ, ଏମ୍. ପ୍ରସାଦଙ୍କ ସମେତ ସହରର ବହୁ ଭଦ୍ର ବ୍ୟକ୍ତି ଯୋଗ ଦେଇଥିଲେ।

# ରାସ୍ତା ଅବସ୍ଥା ଶୋଚନୀୟ, ତୁରନ୍ତ ମରାମତି ପାଇଁ ଦାବି

ମାଲକାନଗିରି,୨୫।୧୦(ଡି.ଏନ.ଏ.)

ସରକାରୀ ସ୍ତରରେ ପଛୁଆ ଅଞ୍ଚଳର ବିକାଶ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। ବହୁ ଅର୍ଥ ମଧ୍ୟ ବ୍ୟୟ କରାଯାଉଛି। ମାତ୍ର ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ ଜିଲ୍ଲା ସଦରରେ ଲୋକଙ୍କୁ ବିଭିନ୍ନ ସମସ୍ୟା ଭୋଗିବାକୁ ପଡୁଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ପୌର ପରିଷଦ ଅଞ୍ଚଳର ୧୯ ନମ୍ବର ୱାର୍ଡରେ। ଏହି ୱାର୍ଡରେ ଥିବା ଏମଭି-୪୨ ଓ ଏମ୍‌ଭି-୪୩ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନିର୍ମାଣ ହେବାର ଦୀର୍ଘଦିନ ବିତିଗଲାଣି। ଏବେ ଏହା ଖରାପ ହୋଇଗଲାଣି। ଏହାକୁ ମରାମତି କରାଯାଉ ନଥିବାରୁ ଲୋକେ ହଇରାଣ ହେଉଛନ୍ତି। ଜିଲା ସଦର ମହକୁମା କଲେଜ ଛକଠାରୁ ଏମ୍‌ଭି-୪୩ ଗ୍ରାମକୁ ଯାଇଥିବା ୫ କି.ମି. ପିଚୁ ରାସ୍ତା



ଖରାପ ହୋଇଯାଇଥିବା ରାସ୍ତା।

ଖାଲଖମାରେ ଭର୍ତ୍ତି ହୋଇଛି। ଏହି ରାସ୍ତା ଉପରେ ଅନେକ ଗ୍ରାମର ଶତାଧିକ ଗ୍ରାମବାସୀ ନିର୍ଭର କରିଥାନ୍ତି। ପ୍ରତିଦିନ ଏହି ରାସ୍ତାରେ ଛାତ୍ରୀଛାତ୍ରୀଠାରୁ ଆରମ୍ଭ କରି ଜନସାଧାରଣ ଗାଡିମୋଟରରେ ଯାତାୟାତ କରନ୍ତି। ରାସ୍ତାରେ ସବୁବେଳେ ପାଣି ଜମି ରହି ବର୍ଷାରେ ରାସ୍ତା ପାର୍ଶ୍ୱ ଘରେ ମଇଳା ପାଣି ପଶିଯାଉଥିବା ଗ୍ରମମାସୀ ଅଭିଯୋଗ କରିଛନ୍ତି। ଜିଲା ସାଦର ମହକୁମା ରାସ୍ତା ଅବସ୍ଥା ଯଦି ଏପରି ତେବେ ଦୁର୍ଗମ ଅଞ୍ଚଳରେ ପ୍ରଶାସନ କିପରି ରାସ୍ତା କରୁଥିବ ତାହା ସହଜରେ ଅନୁମେୟ ବୋଲି ସାଧାରଣରେ ଆଲୋଚନା ହେଉଛଇ। ତୁରନ୍ତ ଏହାକୁ ମରାମତି କରା ନ ଗଲେ ଆଗାମୀ ଦିନରେ ପୌର କର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଗ୍ରାମ ପଲ୍ଲୀମଙ୍ଗଳ କମିଟି ସଭାପତି ଅଶୋକ ଦାସ କହିଛନ୍ତି।

# ବିଭିନ୍ନ ୱାର୍ଡ ବୁଲି ଦୀପାବଳି ପାଳିଲେ ପୌର ଅଧିକାରୀ



ହିତାଧିକାରୀଙ୍କ ସହିତ ପୌର ଅଧିକାରୀମାନେ ଦୀପାବଳି ପାଳନ କରୁଛନ୍ତି।

ମାଲକାନଗିରି, ୨୫।୧୦(ଡି.ଏନ.ଏ.)

ଦୀପାବଳି ଅବସରରେ ମାଲକାନଗିରି ପୌର ପରିଷଦ ପକ୍ଷରୁ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ଘର ତିଆରି କରିଥିବା ହିତାଧିକାରୀଙ୍କ ନିକଟରେ ଅଧିକାରୀମାନେ ପହଞ୍ଚି ଦୀପାବଳି ପାଳନ କରିଛନ୍ତି। ଏହି ଅବସରରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଶୁଭକାନ୍ତ ଜେନା ପ୍ରମୁଖ ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ ବୁଲି ଅନେକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ନିକଟକୁ ଯାଇଥିଲେ। ଯେଉଁମାନେ ଏହି ଯୋଜନରେ ଘର ସମ୍ପୂର୍ଣ୍ଣ କରିଛନ୍ତି ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଦୀପ ଜାଳି ଆଲୋକର ପର୍ବ ପାଳନ କରିଥିଲେ।

# ସୂର୍ଯ୍ୟୋପରାଗ ଯୋଗୁ ବନ୍ଦ ହେଲା ଜଗନ୍ନାଥ ମନ୍ଦିର

ନବରଙ୍ଗପୁର,୨୫।୧୦ (ବି.ପ୍ର.)

ଚଳିତ ବର୍ଷର ଶେଷ ସୂର୍ଯ୍ୟୋପରାଗ ମଙ୍ଗଳବାର ହୋଇଥିଲା। ଅପରାହ୍ନ ୪ଟା ୫୬ରୁ ସୂର୍ଯ୍ୟୋପରାଗ ସ୍ପର୍ଶ କରୁଥିବା ହେତୁ ବିଭିନ୍ନ ମନ୍ଦିରରେ ଦେବାର୍ଚ୍ଚନା ବନ୍ଦ ରହିଥିଲା। ନବରଙ୍ଗପୁର ଜଗନ୍ନାଥ ମନ୍ଦିର ସମେତ ମାଁ ଭଣ୍ଡାରଘରଣୀ, ଚୈତନ୍ୟ, ରାମମନ୍ଦିର , ବାବା ଆଖଣ୍ଡଳମଣିଙ୍କ ମନ୍ଦିର ସହ ଅନ୍ୟ ଦେବାଳୟ ବନ୍ଦ ରହିଥିଲା। ଶାସ୍ତ୍ର ମତେ ଗ୍ରହଣ ସ୍ପର୍ଶ କରିବାର ୧୨ଘଣ୍ଟା ପୂର୍ବରୁ ସମସ୍ତ ଦେବନୀତି ବନ୍ଦ ରହିଥିବା ନିୟମ ରହିଛି। ତେଣୁ ନବରଙ୍ଗପୁରରେ ଭୋର ୪ .୩୦ ପୂର୍ବରୁ ମନ୍ଦିର ଖୋଲାଯାଇ ମଙ୍ଗଳ ଆଳତି ସହ ସମସ୍ତ ନୀତିକାନ୍ତି ହୋଇ ମନ୍ଦିର ବନ୍ଦ କରାଯାଇଥିଲା। ମଙ୍ଗଳବାର ଭୋରରୁ



ହୋଇଥିବା ନୀତିକାନ୍ତି ବେଳେ ଜଗନ୍ନାଥ ମନ୍ଦିର ପୂଜକ ଦେବୀ ନାୟକ, ମାଁ ଲକ୍ଷ୍ମୀଙ୍କ ମନ୍ଦିର ପୂଜକ ରବୀନ୍ଦ୍ର ନାଥ ଶତପଥୀ, ଶୁଭମ ନାୟକ, ବିଭୂତି ପାତ୍ର, ଜଗନ୍ନାଥ ଦାସ, ପିଙ୍କୁ ପ୍ରହରାଜ, ଜଗନ୍ନାଥ ନୀତି ପରିଚାଳନା ନିଯୋଗ ସଭାପତି ନରେଶ ତ୍ରିପାଠୀ, ଉପ ସଭାପତି ଭବାନୀ ଶଙ୍କର ଶତପଥୀ, ସମ୍ପାଦକ କୁନା ପାତ୍ର, ନିଯୋଗ ଉପଦେଷ୍ଟା ରାଜେନ୍ଦ୍ର ତ୍ରିପାଠୀଙ୍କ ସମେତ କେତେଜଣ ଭକ୍ତ ଉପସ୍ଥିତ ଥିଲେ। ଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ମନ୍ଦିର ପହଡ଼ ପଡ଼ିଥିଲା। ଗ୍ରହଣ ସର୍ବମୋକ୍ଷ ପୂର୍ବରୁ ସୂର୍ଯ୍ୟାସ୍ତ ହେଉଥିବାରୁ ସନ୍ଧ୍ୟାରେ ନୀତିକାନ୍ତି ନ ହୋଇ ବୁଧବାର ସୂର୍ଯ୍ୟ ଉଦୟ ପରେ ହିଁ ମନ୍ଦିର ଖୋଲାଯିବ। ଏହାପରେ ଶୋଧନ, ଦେବସ୍ନାନ ଆଦି କାମ ସାରିବା ପରେ ହିଁ ସମସ୍ତ ନୀତିକାନ୍ତି କରାଯିବ ବୋଲି ନବରଙ୍ଗପୁର ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ନିର୍ଦ୍ଦେଶ ଦେଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ଗୁରୁତର

ନନ୍ଦାହାଣ୍ଡି,୨୫।୧୦,(ଡି.ଏନ୍.ଏ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପୋଡାଲଗୁଡା ପଞ୍ଚାୟତ ନୀଳକଣ୍ଠଗୁଡା ଗାଁର ନାରାୟଣ ଜାନୀ (୧୦) ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଅଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏବେ ସେ ବିପଦମୁକ୍ତ ଅଛନ୍ତି ବୋଲି ଡାକ୍ତର କହିଛନ୍ତି। ସୂଚନାନୁଯାୟୀ, ନାରାୟଣ ଗାଁର ୫ଜଣ ନାବାଳକ ସାଙ୍ଗଙ୍କ ସହ ଶୌଚ ହେବାକୁ ଯାଇଥିଲେ। ଏକ ଟ୍ରାକ୍ଟରରେ ପାଣି ଟାଙ୍କି ଥିବା ଦେଖିଥିଲେ। ପାଣି ଅଛିକି ନାହିଁ ତାହା ଜାଣିବାକୁ ନାରାୟଣ ଟାଙ୍କି ଉପରେ ଚଢ଼ିଥିଲେ। ଏହି ସମୟରେ ଅଳ୍ପ ଉଚ୍ଚତାରେ ଥିବା ବିଦ୍ୟୁତ୍ତ ତାର ସଂସ୍ପର୍ଶରେ ଆସିଥିଲେ। ଖବରପାଇ ନାରାୟଣଙ୍କ ଜେଜେବାପା ତାଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ବିଦ୍ୟୁତ୍‌ସଂସ୍ପର୍ଶରେ ଆସିବା ଯୋଗୁ ଟ୍ରାକଟରର ଗୋଟିଏ ଚକ ରେ ନିଆ ଲାଗି ଜଳି ଯାଇଛି। ଅନେକସ୍ଥାନରେ ଆବଶ୍ୟକତାଠାରୁ କମ ଉଚ୍ଚତାରେ ବିଦ୍ୟୁତ ତାର ଝୁଲୁଥିବାର ଖବର ବାରମ୍ବାର ପ୍ରକାଶ ପାଇବା ପରେ ବି ଏହାକୁ ଗୁରୁତ୍ୱ ଦିଆଯାଉନି। ଫଳରେ ଏପରି ଦୁର୍ଘଟଣା ଘଟୁଛି ବୋଲି ମତ ପ୍ରକାଶ ପାଇଛି।

## ୨ ବାଇକ୍ ମୁହାଁମୁହିଁ ୪ ଗୁରୁତର

ଦଶମନ୍ତପୁର, ୨୫।୧୦( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତର ଲୁଲ୍ଲା ଓ ଠେଲପଦର ରାସ୍ତା ବୁଲାଣିରେ ମଙ୍ଗଳବାର ୨ ବାଇକ୍ ମୁହାମୁହିଁ ଧକ୍କା ହୋଇଛି। ଫଳରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ଗୁଲିମୁସା ଗ୍ରାମର ଜଗ ନାୟକଙ୍କ ପୁଅ ରମେଶ ନାୟକ ଓ ଶରତ ନାୟକ ଦୁହେଁ ଏକ ବାଇକ ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ଶୁକ୍ରାପୁଟ ଗ୍ରାମର ବିଜୟ ନାୟକ ଓ ବରୁଣ ଲମତା ବାଇକରେ ଆସୁଥିଲେ। ଏହି ସମୟରେ ଉପରୋକ୍ତ ବୁଲାଣିଠାରେ ଭାରସାମ୍ୟ ହରାଇ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା ଖବର ପାଇ କେତେକ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ୫୫ ଖଣ୍ଡ କାଠପଟା ଜବତ, ଜଣେ ଗିରଫ



ଜବତ ହୋଇଥିବା ଟ୍ରାକ୍ଟର ଓ କାଠ ।

ବୈପାରିଗୁଡା,୨୫।୧୦ (ଡି.ଏନ୍.ଏ.)

କାଠପଟ୍ଟା ଚୋରାଚାଲାଣ ବେଳେ ରାମଗିରି ବନାଞ୍ଚଳ ପକ୍ଷରୁ ଚଢାଉ କରାଯାଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ ଏହିବ୍ଲକ ଅନ୍ତର୍ଗତ ହଳଦୀକୁଣ୍ଡ ଗ୍ରାମର ବଂଶୀଧର ସାମନ୍ତରାୟ। ଗତ ୨୩ରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲୁଥିବାବେଳେ ଚଡେଇପାଣି-ହଳଦୀକୁଣ୍ଡ ରାସ୍ତାରେ ଏକ ଟ୍ରାକ୍ଟର (ଓଡି ୧୦ ୯୫୯୧)ରେ ଚୋରାରେ କାଠପଟ୍ଟା ଚାଲାଣ ହେଉଥିବା ସୂଚନା ପାଇ ଏହା ଉପରେ ଚଢାଉ କରାଯାଇ ୫୫ ଖଣ୍ଡ ପିଆଶାଳ କାଠପଟ୍ଟା ଜବତ କରାଯାଇଥିବା ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ କହିଛନ୍ତି। ଚଢାଉରେ ଫରେଷ୍ଟର ମନୋଜ ମହାପାତ୍ର, ଫରେଷ୍ଟର ଚୈତନ୍ୟ ତନ୍ତି ଓ ଫରେଷ୍ଟର ପି. ଶ୍ରୀନିବାସ ରାଓ ସାମିଲ୍ ହୋଇଥିଲେ।

# ଗୁଣି ଗାରେଡି ସନ୍ଦେହରେ ମାଡ ଅଭିଯୋଗ

ମାଲକାନଗିରି, ୨୫।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା ତେନ୍ତୁଳିଗୁଡା ଗ୍ରାମରେ ଗୁଣି ଗାରେଡି ସନ୍ଦେହରେ କେତେ ଜଣ ବ୍ୟକ୍ତି ମାଡ ମାରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡିତାଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଖବରରୁ ଜଣାପଡିଛି, ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁଡା ଗ୍ରାମରେ ରହୁଥିବା ଦେବା ପଡିଆମୀ ଗ୍ରାମରେ ଏକ ମନ୍ଦିର କରି ପୂଜା କରୁଥିଲେ। ତେବେ ଇତି ମଧ୍ୟରେ ଗ୍ରାମ ନିକଟରେ ଥିବା କାମବେଡା ଗ୍ରାମରେ ଏକ ପରିବାରର ୩ ଜଣ ସଦସ୍ୟଙ୍କ ଦେହ ଖରାପ ଥିବା ବେଳେ ପରିବାର ଲୋକେ ସେମାନଙ୍କୁ ଡାକ୍ତରଙ୍କ ବଦଳରେ ଗୁଣିଆଙ୍କ ନିକଟକୁ ନେଇଥିଲେ। ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ପରେ ମୃତବ୍ୟକ୍ତିଙ୍କ ପରିବାର ଲୋକେ ଆଉ ଜଣେ ଗୁଣିଆ ପାଖକୁ ଯାଇ ପଚାରିବାରୁ ତେନ୍ତୁଳିଗୁଡା ଗ୍ରାମର ଦେବା ପଡିଆମୀ, କେଶା କବାସୀ ଓ ପ୍ରେମା ପଡିଆମୀଙ୍କ ନଜର ଲାଗିବାରୁ ଏହି ଲୋକଙ୍କ ମୃତ୍ୟୁ ହୋଇଥିବା ଗୁଣିଆ ଜଣକ କହିଥିଲେ। ଏହାକୁ ନେଇ ଗତ ୧୮ ତାରିଖରେ ତେନ୍ତୁଳିଗୁଡା ଗ୍ରାମରେ ଏକ ସଭା କରି ଦେବା କବାସୀ ଓ ତାଙ୍କ ସମ୍ପର୍କୀୟ ଭାଇ ରାମା ପଡିଆମୀଙ୍କୁ ଡକାଯାଇଥିଲା। ଏଥିସହ କେଶା ଓ ପ୍ରେମାଙ୍କ ପରିବାର ଲୋକଙ୍କୁ ମଧ୍ୟ ସଭାକୁ ଡକା ଯାଇଥିଲା। ସଭାରେ ମୃତକଙ୍କ ପରିବାର ଲୋକେ ଏମାନଙ୍କୁ ଦୋଷୀ କହି କେଶା, ପ୍ରେମା ଏବଂ ଦେବା ଓ ସେମାନଙ୍କ ପରିବାର ଲୋକଙ୍କୁ ନିଘୁକ ମାଡ ମାରିଥିଲେ। ମଙ୍ଗଳବାର ମଧ୍ୟ ଏନେଇ ଆଉ ଏକ ବୈଠକ ବସି ଘଟଣାର ସମାଧାନ କରିବାକୁ କୁହାଯାଇଥିଲା। ଏହି ବୈଠକରେ ପରିବାର ଲୋକେ ଉପସ୍ଥିତ ଥିବାବେଳେ ଦେବା ନିଜର ଚିକିତ୍ସା ପାଇଁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ଆସିଥିବାରୁ ତାଙ୍କ ଭାଇଙ୍କ ସହ ଅନ୍ୟମାନେ ସେଠାରେ ଉପସ୍ଥିତ ଥିଲେ। ବୈଠକରେ ଆଜି ମଧ୍ୟ ପୁଣି ଥରେ ସେମାନଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଦେବାଙ୍କ ଝିଅ ମାଧୁରୀ ମାଲକାନଗିରି ଆଦର୍ଶ ଥାନାକୁ ଆସି ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

**ଥାନାର ଦ୍ୱାରସ୍ଥ ହେଲେ ପରିବାର**



# ନିଶା ପାଇଁ ହେଉଛି ହତ୍ୟା

ବ୍ରହ୍ମପୁର ଅଫିସ,୨୫।୧୦

- ୨ ମାସରେ ଗଲାଣି ୫ ଜୀବନ
- ଜିଲାରେ ବଢୁଛି ବେଆଇନ ନିଶା କାରବାର

ଗଞ୍ଜାମ ଜିଲାରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଛି। ମଦ, ଗଞ୍ଜେଇ, ବ୍ରାଉନ୍‌ସୁଗାର ଭଳି ନିଶା କବଳରେ ପଡ଼ି ବହୁ ଲୋକ ବିପଥଗାମୀ ହେଉଛନ୍ତି। ପରିସ୍ଥିତି ଏମିତି ହେଉଛି, ନିଶାସକ୍ତମାନେ ନିଶା ସେବନ ପାଇଁ ହତ୍ୟା କରିବାକୁ ମଧ୍ୟ ପଛାଉ ନାହାନ୍ତି। ଗଞ୍ଜାମ ଜିଲାରେ ବିଗତ ଦିନରେ ଏଭଳି ବହୁ ଘଟଣା ଦୃଷ୍ଟିକୁ ଆସିଛି। ଏହି ନିଶା ପାଇଁ ଗତ ପ୍ରାୟ ୨ ମାସ ମଧ୍ୟରେ ୫ ଜଣଙ୍କୁ ହତ୍ୟା କରି ସାରିଲେଣି ନିଶାସକ୍ତମାନେ। ଏହି ଅଭ୍ୟାସ ପାଇଁ ମାଫିଆମାନେ ମଧ୍ୟ ବେଶ୍ ସକ୍ରିୟ ହୋଇ ଉଠିଛନ୍ତି। ଫଳରେ ବ୍ରହ୍ମପୁର ସହରରେ ଏବେ ଖୋଲାଖୋଲି ବ୍ରାଉନ୍ ସୁଗାର ବିକ୍ରି ହେଉଥିବା ବେଳେ ସହରଠାରୁ ଗାଁ ସବୁ ଜାଗାରେ ଘରେ ଘରେ ନକଲି ମଦ ତିଆରି ହେଉଛି। ବାରମ୍ବାର ଏଭଳି କାରବାର ଠାବ ହେଉଥିଲେ ସୁଦ୍ଧା ଜିଲାରେ ବେଆଇନ ନିଶା ବେପାର ବନ୍ଦ ହେଉ ନାହିଁ। ଅଧିକାଂଶ ଅପରାଧ ପଛରେ ନିଶା ହିଁ ଦାୟୀ। ଆଉ କେତେବେଳେ ନିଶା ସେବନ ପାଇଁ ନିଜର ସ୍ତ୍ରୀ ଓ ମା'ଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି ନିଶାସକ୍ତ। ଆସିକା ସହରରେ ଗତ ୯ ତାରିଖରେ ମଦ ପିଇବାକୁ ଟଙ୍କା ନ ଦେବାରୁ ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା କରିଥିଲେ ସ୍ୱାମୀ।

ଅଶୋକା ସିନେମା ହଲ ନିକଟସ୍ଥ ଚୌଧୁରୀ ନିବାସରେ ଲକ୍ଷ୍ମୀପ୍ରିୟା ମିଶ୍ର ଓ ସ୍ୱାମୀ ସୀମାଞ୍ଚଳ ମିଶ୍ର ରହୁଥିଲେ। ସୀମାଞ୍ଚଳ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଘରେ ଗଣ୍ଡଗୋଳ କରୁଥିଲେ। ଅକ୍ଟୋବର ୯ ରେ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଟଙ୍କା ଦେବାକୁ ମନା କରିବାରୁ ସୀମାଞ୍ଚଳ ତାଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ସେହିପରି ଅକ୍ଟୋବର ୭ରେ ତାରସିଂ ଥାନା ଗଜାପଦର ଗ୍ରାମରେ ନିଶାସକ୍ତ ପୁଅର ଲୁହା ପାଇପ୍ ମାଡ଼ରେ ମା'ର ମୃତ୍ୟୁ ଘଟିଥିଲା। ତ୍ରିବେଣୀ ନାଇକଙ୍କ ପୁଅ ସନାତନ ନିଶାସକ୍ତ ଅବସ୍ଥାରେ ଘରେ ଝଗଡ଼ା କରୁଥିଲେ। ୭ ରାତିରେ ଆମିଷ ରାନ୍ଧିବା ପାଇଁ ସନାତନ ମା' ତ୍ରିବେଣୀଙ୍କୁ କହିଥିଲେ। ଆମିଷ ରନ୍ଧା ହୋଇ ନ ଥିବା ଜାଣିବା ପରେ ପୁଅ ମା'ଙ୍କୁ ହତ୍ୟା କରିଥିଲେ। ଏହା ପୂର୍ବରୁ ଦଶହରା ସମୟରେ ମଦ ପାଇଁ ବ୍ରହ୍ମପୁର ସହର ରକ୍ତରଞ୍ଜିତ ହୋଇଥିଲା। ମଦ ପାଇଁ ଟଙ୍କା ଦେବାକୁ ମନା କରିବାରୁ କେ. ଗୋପାଳକୃଷ୍ଣ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ଜନୈକ ନାବାଳକ ପଥର ଛେଚି ହତ୍ୟା କରିଥିଲେ। ପୂର୍ବରୁ ସେପ୍ଟେମ୍ବର ୨୫ରେ ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ନିଶାସକ୍ତ ସ୍ୱାମୀ ବିଜୟ ପ୍ରଧାନଙ୍କ ମାଡ଼ରେ ସ୍ତ୍ରୀ ମଞ୍ଜୁଳାଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀ ବିଜୟ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଆସି ଘରେ ମାରପିଟ କରୁଥିଲେ। ଘଟଣା ଦିନ ମଧ୍ୟ ସ୍ତ୍ରୀ ମଞ୍ଜୁଳାଙ୍କ ମୁଣ୍ଡକୁ ଏକ ବାଡ଼ିରେ ଆଘାତ କରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସର ତଦନ୍ତରେ ଜଣାପଡ଼ିଥିଲା। ସେହିପରି ମଦ କାରବାରକୁ ବିରୋଧ କରିବାରୁ ମଧ୍ୟ ଜିଲାରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ଅଗଷ୍ଟ ୨୦ରେ ଜରଡ଼ା ଥାନା ଅନ୍ତର୍ଗତ ପଳାଶପୁର ଗ୍ରାମ ନିକଟରୁ ଜଣେ ନିଖୋଜ ଆଦିବାସୀଙ୍କ କଟାମୁଣ୍ଡ ଓ ଗଣ୍ଡି ଜବତ ହୋଇଥିଲା। ମୃତକ ଜଣଙ୍କ ବୃନ୍ଦାବନ ଜାନୀ ବୋଲି ଜଣାପଡ଼ିଥିଲା। ମଦ କାରବାରକୁ ବିରୋଧ କରୁଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ବର୍ଗ ଅଭିଯୋଗ ଆଣିଥିଲେ। ମଦକୁ ନେଇ ଜିଲାରେ ଏଭଳି ବହୁ ଘଟଣା ଘଟିଛି। ବିଶେଷ କରି ଦଶହରାରୁ କୁମାର ପୂର୍ଣ୍ଣମୀ ମଧ୍ୟରେ ବିଭିନ୍ନ ସ୍ଥାନରେ ଜୁଆଖେଳ ସାଙ୍ଗକୁ ମଦର ଆସର ଜମିଥିଲା। ଏହି ସମୟରେ ମଦ ନିଶାରେ ନାନା ଅପରାଧ ଘଟଣା ନଜରକୁ ଆସିଛି।

# ଦୀପାବଳି ପାଳିଲେ ଆଶାକିରଣ ଅନ୍ତେବାସୀ



ଅନ୍ତେବାସୀମାନେ ବାଣ ଫୁଟାଉଛନ୍ତି।

ନବରଙ୍ଗପୁର,୨୫।୧୦(ବି.ପ୍ର.)

ଦୀପାବଳୀରେ ନବରଙ୍ଗପୁରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖାର ଚିଫ ମ୍ୟାନେଜର ସୁକୁମାର ବକ୍ସି ଓ ବ୍ୟାଙ୍କ ଷ୍ଟାଫ ଆସୋସିଏସନର ଗୋପୀନାଥ ସୁଆର ସ୍ଥାନୀୟ ଆଶାକିରଣ ଅନୁଷ୍ଠାନ ଅନ୍ତେବାସୀଙ୍କୁ ଭେଟିଛନ୍ତି। ସେମାନଙ୍କୁ ମିଠା ଦେବା ସହ ବାଣ ଫୁଟାଇ ଅନ୍ତେବାସୀ ଓ କର୍ମଚାରୀ ମାନଙ୍କ ସହିତ ଖୁସି ମନାଇଛନ୍ତି।

# 'ଅସଭ୍ୟ ନଗର ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ

ନବରଙ୍ଗପୁର,୨୫।୧୦(ବି.ପ୍ର.)

ଅନୁବାଦିକା ତଥା ଅଧ୍ୟାପିକା ନୀହାରିକା ମଲ୍ଲିକଙ୍କ ଓଡ଼ିଆ ଅନୁସୃଜନ 'ଅସଭ୍ୟ ନଗର ଓ ଅନ୍ୟାନ୍ୟ ଗଳ୍ପ' ସ୍ଥାନୀୟ ବିଦ୍ୟାର୍ଥୀ ବିଜ୍ଞାନ ମହାବିଦ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି। ହିନ୍ଦୀ ସାହିତ୍ୟର ବିଶିଷ୍ଟ କଥାକାର ରାମେଶ୍ୱର କାମ୍ବୋଜ 'ହିମାଂଶୁ'ଙ୍କ ମୂଳ ରଚିତ ଏହି ପୁସ୍ତକ ମଧ୍ୟରେ ଅଣଚାଶଟି ଗଳ୍ପ ରହିଛି। ଏହି ପୁସ୍ତକ ଉନ୍ମୋଚନ ପର୍ବରେ ଯୁବ ପ୍ରାବନ୍ଧିକ ତଥା ଡିଏସ୍‌ପି ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଗାଳ୍ପିକ ଅଶୋକ ପଟ୍ଟନାୟକ, କବି ତଥା ଗବେଷକ ବୁଲୁ ହୋତା ଯୋଗଦେଇ ଅନୁବାଦିକାଙ୍କ ପ୍ରଶଂସା କରିଥିଲେ। ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ନାୟକ ଅଧ୍ୟାପିକା ମଲ୍ଲିକଙ୍କ ଭବିଷ୍ୟତ ପାଇଁ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସାହିତ୍ୟ ସହ ଜଡିତ ରହିବାକୁ ପରାମର୍ଶ ଦେଇଥିଲେ। ଲେଖିକା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

